# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 30 August – 2025

********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱରଠାରେ ଚାଲିଥିବା ଦୁଇଦିନିଆ ଅନୁସୂଚିତ ଜାତି ଓ ଜନଜାତି ଜାତୀୟ ସଂସଦୀୟ ସମ୍ମିଳନୀ ଉଦ୍‌ଯାପିତ

– ଏହି ବର୍ଗର ସଶକ୍ତୀକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; କହିଲେ ଲୋକସଭା ବାଚସ୍ପତି

- 'ମନ କି ବାତ୍'ରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ

- ଅନୁସୂଚିତ ଜାତି ଓ ଜନଜାତି ମାମଲାର ତଦନ୍ତକୁ ନେଇ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଲା ସଂଶୋଧିତ ବିଜ୍ଞପ୍ତି

ଏବଂ

- ଅକ୍ଟୋବର ମାସ ୪ ଓ ୫ ତାରିଖରେ ଅନୁଷ୍ଠିତ ହେବ ପୁଲିସ ସବ୍‌ଇନ୍ସପେକ୍ଟର ପରୀକ୍ଷା

# ଦୁଇଦିନିଆ ସମ୍ମିଳନୀ ଉଦ୍‌ଯାପନୀ

ଭୁବନେଶ୍ୱର ଲୋକସେବା ଭବନରେ ଚାଲିଥିବା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ପାଇଁ ସଂସଦୀୟ କମିଟିର ଜାତୀୟ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଯାଇଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଯାପନୀ ଦିବସରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧିତ କରି କହିଛନ୍ତି, ଅନୁସୂଚିତ ଜାତି ଓ ଜନଜାତିଙ୍କ ସଶକ୍ତୀକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ଜନଜାତି ଯୁବପିଢ଼ିଙ୍କ ଭବିଷ୍ୟତ ସଶକ୍ତୀକରଣର ପ୍ରମୁଖ ପ୍ରବାହକ ବୋଲି ଶ୍ରୀ ବିର୍ଲା କହିଛନ୍ତି ।

**- V/O -**

ସଂସଦୀୟ କମିଟି ଏହି ବର୍ଗଙ୍କ ବିଭିନ୍ନ ଯୋଜନା ସମୀକ୍ଷା କରିବା ସହ ସମତାଭିତ୍ତିକ ଦେଶ ଗଠନ ଉପରେ କାର୍ଯ୍ୟ କରୁଛନ୍ତି । ଜନଜାତିଙ୍କ ଅଧିକାରକୁ ସୁଦୃଢ଼ କରିବା ଓ ବର୍ତ୍ତମାନର ଆକାଂକ୍ଷା ସହିତ ସମନ୍ୱିତ ହେବା ପାଇଁ ସରକାର ବ୍ୟାପକ ସଂସ୍କାର କାର୍ଯ୍ୟକାରୀ କରାଉଛନ୍ତି । ସଂସଦୀୟ କମିଟିର ସୁପାରିସକ୍ରମେ ସରକାର ଜନଜାତିଙ୍କ ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଥାଆନ୍ତି । ଦୁଇଦିନିଆ ଏହି ସମ୍ମିଳନୀରେ ସମସ୍ତଙ୍କର ବିଚାର ଏବଂ ପରାମର୍ଶକୁ ନେଇ ଏଜେଣ୍ଡା ଭୁବନେଶ୍ୱର–୨୦୨୫ ପ୍ରସ୍ତୁତ ହୋଇଛି । ଦେଶର ଅନୁସୂଚିତ ଜାତି ଓ ଜନଜାତିଙ୍କ

କଲ୍ୟାଣ ପାଇଁ ଏହା ଏକ ରୂପରେଖ ପ୍ରସ୍ତୁତ କରିବ। ୨୦୪୭ ମସିହା ସୁଦ୍ଧା ଏହି ଏଜେଣ୍ଡା ଏକ ସମତା ଓ ନ୍ୟାୟପୂର୍ଣ୍ଣ ସମାବେଶୀ ସମାଜ ନିର୍ମାଣ ନିଶ୍ଚିତ କରିବ ବୋଲି ଶ୍ରୀ ବିର୍ଲା କହିଛନ୍ତି। ସମ୍ମିଳନୀର ମହତ୍ତ୍ୱପୂର୍ଣ୍ଣ ବିଚାର, ଅନୁଭବ ଓ ନବସୃଜନକୁ ଉପଯୋଗ କରି ସଂସଦୀୟ ସମିତି ମାଧ୍ୟମରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ କରାଯାଇପାରିବ ବୋଲି ବାଚସ୍ପତି କହିଛନ୍ତି।

ସମ୍ମିଳନୀର ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂସଦୀୟ ସମିତିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂ କୁଲସ୍ତେ, ରାଜ୍ୟପାଳ ହରିବାବୁ କମ୍ଭମପାଟି, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ଦୁଇଦିନିଆ ସମ୍ମିଳନୀରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତିର ଅଧ୍ୟକ୍ଷମାନେ ଯୋଗଦେଇଥିଲେ।

Desk

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମର ୧୨୫ତମ ସଂସ୍କରଣ। ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମ

ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

***Desk***

## ଇନ୍ସପେକ୍ଟର- ଏସ୍.ଆଇ. ଜନଜାତି ମାମଲା

ଇନ୍ସପେକ୍ଟର ଓ ସବ୍-ଇନ୍ସପେକ୍ଟର ପାହ୍ୟାର ଅଧିକାରୀମାନେ ଅନୁସୂଚିତ ଜାତି ଓ ଜନଜାତି ମାମଲାର ତଦନ୍ତ କରିପାରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅଧିକାରୀମାନେ ଅନୁସୂଚିତ ଜାତି ଓ ଜନଜାତି ମାମଲାର ତଦନ୍ତ ସହ ଗିରଫ ଏବଂ ସ୍ୱତନ୍ତ୍ର ଅଦାଲତରେ ମାମଲା କରିପାରିବେ ବୋଲି ଆଜି ଗୃହ ବିଭାଗ ପକ୍ଷରୁ ଏକ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଡି.ଏସ୍.ପି. ପାହ୍ୟାର ଅଧିକାରୀମାନେ ଅନୁସୂଚିତ ଜାତି ଓ ଜନଜାତି ମାମଲାର ତଦନ୍ତ କ୍ଷମତା ଦିଆଯାଇଥିଲା।

***Desk***

## ପୁଲିସ ଏସ୍.ଆଇ ପରୀକ୍ଷା

ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ଅକ୍ଟୋବର ମାସ ୪ ଓ ୫ ତାରିଖରେ ପୁଲିସ ସବ୍-ଇନ୍ସିପେକ୍ଟର ପରୀକ୍ଷା ଅନୁଷ୍ଠିତ ହେବ। ଏ ନେଇ ଆଜି ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏସ୍.ଆଇ. ପଦବୀ ପାଇଁ ଓ.ଏମ୍.ଆର୍ ଆଧାରିତ ପରୀକ୍ଷା ନିର୍ଦ୍ଧାରିତ

ତାରିଖରେ କରାଯିବ। ପରୀକ୍ଷାର୍ଥୀମାନେ odishapolice.gov.in ୱେବସାଇଟରୁ ସେପ୍ଟେମ୍ବର ୨୦ ତାରିଖ ପରେ ଆଡମିଟ କାର୍ଡ ଡାଉନଲୋଡ କରିପାରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

***HS***

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଶିକ୍ଷାମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଭେଟି ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ଅବସରରେ ଦେଶ ତଥା ରାଜ୍ୟର ଶିକ୍ଷା ବ୍ୟବସ୍ଥା, ନୂତନ ଶିକ୍ଷାନୀତି ଓ ଶିକ୍ଷାର ସଂସ୍କାର ଆଦି ବିଷୟ ସହ ରାଜ୍ୟରେ ଶିକ୍ଷା ଭିତ୍ତିଭୂମିର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଛି।

***Balangir***

## ଉପମୁଖ୍ୟମନ୍ତ୍ରୀ- ପ୍ରକଳ୍ପ ଶିଳାନ୍ୟାସ

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକରେ ୧ କୋଟି ଟଙ୍କା ବ୍ୟୟବରାଦରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଶିଳାନ୍ୟାସ ଉଦ୍‌ଘାଟନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ୮୯ ଲକ୍ଷ ୯୪ ହଜାର ଟଙ୍କାରେ ନିର୍ମିତ ହେବାକୁ ଥିବା ଭରୁଆପାଲି ହାଇସ୍କୁଲର ଶିଳାନ୍ୟାସ କରିବା ସହ ବେଲପଡ଼ା ବ୍ଲକ ପରିସରରେ ୧୦ ଲକ୍ଷ ଟଙ୍କା ବ୍ୟୟବରାଦରେ ଏକ ସୁଭଦ୍ରା କାଫେର ଉଦ୍‌ଘାଟନ କରିଛନ୍ତି।

Desk

# ଜିଡିପି

୨୦୨୫-୨୬ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକରେ ଭାରତର ଜିଡିପି ୭ ଦଶମିକ ୮ ପ୍ରତିଶତ ହାରରେ ଅଭିବୃଦ୍ଧି ପାଇଛି ବୋଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ  ସୂଚନା ମିଳିଛି। ଏହା ଗତ ପାଞ୍ଚ ତ୍ରୈମାସିକରେ ସର୍ବୋଚ୍ଚ ସ୍ତର ଏବଂ ବିଶେଷଜ୍ଞଙ୍କ ଆକଳନଠାରୁ ଅଧିକା ବୋଲି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ପୂର୍ବରୁ, ୨୦୨୫ର ଶେଷ ତ୍ରୈମାସିକରେ ଜିଡିପି ୭ ଦଶମିକ ୪ ପ୍ରତିଶତ ଏବଂ ଗତ ବର୍ଷ ସମାନ ତ୍ରୈମାସିକରେ ୬ ଦଶମିକ ୭ ପ୍ରତିଶତ ଥିଲା। ଜିଡିପିର ଏହି ଅଭିବୃଦ୍ଧି ଭାରତୀୟ ଅର୍ଥନୀତିର ମଜଭୁତ ଦିଗକୁ ଦର୍ଶାଉଛି। ଏ ସମ୍ପର୍କରେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ମହାସଚିବ ସ୍ୱାତୀକ ସ୍ୱାଇଁ ଆକାଶବାଣୀକୁ ପ୍ରତିକ୍ରିୟାରେ କହନ୍ତି...

**- V/O –**

***CTC***

# ବାଲିଯାତ୍ରା ପ୍ରସ୍ତୁତି ବୈଠକ

କଟକ ବାଲିଯାତ୍ରା ଉତ୍ସବ -୨୦୨୫ ଆୟୋଜନ ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରାଥମିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲିଯାତ୍ରା ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଛି। ଭିତ୍ତିଭୂମି ନିର୍ମାଣ, ପରିମଳ ବ୍ୟବସ୍ଥା, ଧୂଳି ନିୟନ୍ତ୍ରଣ ଆଦି କାର୍ଯ୍ୟକୁ ଅଧିକ ଉନ୍ନତମାନର କରିବା ସହ ପୂର୍ବାପେକ୍ଷା ଅଧିକ ଲୋକାଭିମୁଖୀ କରିବା

ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ମଞ୍ଚର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଚିତ୍ତାକର୍ଷକ କରିବା କଟକ୍-ଇନ୍-କଟକକୁ ଅଧିକ ଜନାଦୃତ କରିବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ବାଲିଯାତ୍ରାର ସ୍ମରଣିକାକୁ ଅଧିକ ଜନାଦୃତ କରିବା, ଉଠାଦୋକାନୀଙ୍କଠାରୁ ଆରମ୍ଭ କରି ସମସ୍ତ ବର୍ଗର ଭାଗିଦାରୀ ଏବଂ ଯାତ୍ରୀମାନଙ୍କ ନିମନ୍ତେ ଯୋଜନା ପ୍ରସ୍ତୁତ କରି ଚଳିତ ବାଲିଯାତ୍ରାକୁ ସ୍ମରଣୀୟ କରିବା ନିମନ୍ତେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

HS

## ଟ୍ରେନ୍ ରହଣିସ୍ଥଳ

ରେଳଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳବାଇ ବିଭିନ୍ନ ଷ୍ଟେସନ୍‌ରେ ଅନେକ ଗୁରୁତ୍ୱପୂର୍ଣ୍ଣ ମେଲ୍ ଏବଂ ଏକ୍ସପ୍ରେସ୍‌ର ଟ୍ରେନ୍‌ର ରହଣି ସ୍ଥଳକୁ ପୁନଃସ୍ଥାପିତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ପୂର୍ବରୁ ପ୍ରତ୍ୟାହାର କରାଯାଇଥିବା ଏହି ରହଣି ସ୍ଥଳଗୁଡ଼ିକୁ ଯାତ୍ରୀ ଏବଂ ଜନପ୍ରତିନିଧିଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏବେ ପୁନଃସ୍ଥାପିତ କରାଯାଇଛି । ଏହା ଆସନ୍ତା ମାସ ପହିଲାରୁ ଲାଗୁ ହେବ ବୋଲି ଜଣାପଡ଼ିଛି ।

***Gajapati***

## ତାଲିମ ଶିବିର

ଗଜପତି ଜିଲ୍ଲା ରାମଗିରି ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଶ୍ରୀଅନ୍ନ ପକ୍ଷରୁ ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କ୍ଷୁଦ୍ର ଶସ୍ୟ ଚାଷ ଏବଂ କୃଷିବୀମା

ଯୋଜନାରେ ଅର୍ନ୍ତଭୁକ୍ତ ହୋଇ ଆତ୍ମନିର୍ଭର ହେବା ଉପରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ ।

Nayagarh

## ସଚେତନତା ଶିବିର

ନୟାଗଡ଼ ଜିଲ୍ଲା ବାମନ ଅବକାଶ ଉଚ୍ଚବିଦ୍ୟାଳୟ ଇଟାମାଟିଠାରେ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଅଞ୍ଜଳୀ ମଛଖଣ୍ଡଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ଛାଡ଼ିବାର ବିଭିନ୍ନ କାରଣ ଓ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି । ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀମାନେ କିପରି ବିଦ୍ୟାଳୟକୁ ପୁଣିଥରେ ଫେରିଆସିପାରିବେ ସେ ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

***Nabarangpur***

## ଦୁର୍ଗାପୂଜା ବୈଠକ

ନବରଙ୍ଗପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା'ଭଣ୍ଡାରଘରଣୀଙ୍କ ଆସନ୍ତା ଶାରଦୀୟ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମନ୍ଦିର ଚାରିପାର୍ଶ୍ୱରେ ଉନ୍ନତିକରଣ, ସାଜସଜ୍ଜା ଏବଂ ସପ୍ତମୀ, ଅଷ୍ଟମୀ ଓ ନବମୀରେ ମନ୍ଦିର ସମ୍ମୁଖରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନେଇ ଆଲୋଚନା ହୋଇଥିଲା ।

Sambalpur

# ପଥ ଉତ୍ସବ

ସମ୍ବଲପୁର ମହାନିଗର ନିଗମ ପକ୍ଷରୁ ମହାନଦୀ ରିଭର ଫ୍ରଣ୍ଟରେ ଆଜି ପଥ ଉତ୍ସବ ଆରମ୍ଭ ହୋଇଯାଇଛି । ଉତ୍ସବରେ ଯୋଗ, ଜୁମ୍ବା ଡ୍ୟାନ୍ସ, ଲାଇଭ୍ ପେଣ୍ଟିଂ, ସ୍ୱାସ୍ଥ୍ୟପରୀକ୍ଷା ସମେତ ବିଭିନ୍ନ ପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ମହାନଗର ନିଗମ କମିଶନର ରୋନ କ୍ଷେତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଏଭଳି କାର୍ଯ୍ୟକ୍ରମ ମହାନଗର ନିଗମ ପକ୍ଷରୁ ଆୟୋଜନ କରାଯାଉଛି ।

**********************************